

# କୃଷକ ଓଡ଼ିଶା

## ବ୍ୟବହାରିକ ପୁସ୍ତିକା

## ୧. ଉପକ୍ରମ

ଆମରାଜ୍ୟ ଓଡିଶାରେ ଜନସଂଖ୍ୟାର ଅଧିକାଂଶ ଭାଗ ସେମାନଙ୍କ ଜୀବିକା ନିର୍ବାହ ପାଇଁ କୃଷି ଉପରେ ନିର୍ଭର କରିଥାନ୍ତି । କୃଷକ ଓ ଭାଗଚାଷୀଙ୍କ ପାଇଁ ରାଜ୍ୟର ଏକ ସ୍ୱଷ୍ଟ ଦୃଷ୍ଟିଭଙ୍ଗୀ ରହିଛି । କୃଷକମାନଙ୍କ ଦୀର୍ଘମିଆଦି ଉନ୍ନତି ପାଇଁ ବିଭିନ୍ନ ଯୋଜନା ଓ ସେବା ପ୍ରଦାନ ଦିଗରେ ଏହା ଖୁବ ଗୁରୁତ୍ୱପୂର୍ଣ୍ଣ । ଏ ଉଦ୍ଦେଶ୍ୟରେ ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ବିଭିନ୍ନ ସରକାରୀ ଯୋଜନାରୁ ସୁବିଧା ପାଇବା ପାଇଁ କୃଷକମାନଙ୍କ ବିଭିନ୍ନ ସୂଚନାକୁ ଗୋଟିଏ ଡାଟାବେସରେ ରଖିବା ନିମନ୍ତେ ଏକକ କୃଷକ ଡାଟାବେସ ସୃଷ୍ଟି କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ୫ଟି - ଟେକନୋଲଜି, ଟିମୱାର୍କ, ଟ୍ରାନ୍ସପ-ପରେନ୍ସି, ଟାଇମ ଓ ଟ୍ରାନ୍ସଫରମେସନ ଅନୁଯାୟୀ ଏହି ଏକକ କୃଷକ ଡାଟାବେସ ଓ ରେକର୍ଡ ଅତିରିକ୍ତ , ଅମେଳ ଓ ଅସତ୍ୟ ତଥ୍ୟକୁ ବାଦ ଦେଇ ପାରିବ ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ "କୃଷକ ଓଡିଶା ପୋର୍ଟାଲ " ନାମକ ଏକକ ଡାଟାବେସ ସୃଷ୍ଟି କରିଛନ୍ତି, ଯାହାକି ବହୁବିଧ କାର୍ଯ୍ୟ ହାସଲରେ ସହାୟକ ହେବ । ଏହା କୃଷି ଅର୍ଥନୀତିକୁ ଡିଜିଟାଲାଇଜ କରିପାରିବ । ଓଡିଶାର କୃଷକଙ୍କ ଡାଟାବେସକୁ କୃଷକ ଓଡିଶା ପୋର୍ଟାଲରେ ସାଇତି ରଖାଯାଇପାରିବ ।

## ୨.ଆରମ୍ଭ କରାଯିବ କିପରି

### ୨.୧ ୱେବ ପୋର୍ଟାଲରେ ଲଗଇନ କରନ୍ତୁ

ଆବେଦନ କରିବାପାଇଁ www.krushak.odisha.gov.in କୁ ପ୍ରବେଶ କରନ୍ତୁ । ଲଗଇନ ସ୍କ୍ରିନରେ ଆପଣଙ୍କ ବୈଧ ଆଧାର ନମ୍ବର ଦେଇ ପରବର୍ତୀ ପୃଷ୍ଠା କୁ ଯାଆନ୍ତୁ ।




ଚିତ୍ର ୨-୧ ସ୍ୱାଗତ ସ୍କ୍ରିନ

## ୨.୨ ନୂଆ କୃଷକ ନିମନ୍ତେ

କୃଷକ ଓଡିଶାରେ ଆଧାର ସଂଖ୍ୟା ପଞ୍ଜୀକୃତ ହୋଇନଥିବା ଜଣେ ନୂଆ କୃଷକଙ୍କ ପଞ୍ଜୀକରଣ ନିମନ୍ତେ ୧୨ ଅଙ୍କ ଯୁକ୍ତ ଆଧାର ସଂଖ୍ୟା ପ୍ରଥମ ଥର ପାଇଁ ଦେଇ ଆପଣଙ୍କ ଆଧାର ଯାଞ୍ଚ ପାଇଁ ଆଲର୍ଟମେସେଜ ପାଇବେ ।




ଚିତ୍ର ୨-୨ ଆଧାର ଯାଞ୍ଚ ସ୍କ୍ରିନ

ପ୍ରଦତ୍ତ ଟେକ୍ସଟ ବକ୍ସରେ ଆଧାର ସଂଖ୍ୟା ଏଣ୍ଟର କରାଇଲେ ଆଧାର ପଞ୍ଜୀକୃତ ହୋଇଥିବା କୃଷକଙ୍କ ମୋବାଇଲକୁ ଏକ ୬ ଅଙ୍କ ଯୁକ୍ତ ସିଷ୍ଟମସୃଷ୍ଟ ଓ.ଟି.ପି. ପ୍ରେରଣ କରାଯିବ ।

ଏହି ଓ.ଟି.ପି. ୧୦ ମିନିଟ ପାଇଁ ରହି ଚାଲିଯିବ ।

ପ୍ରଦତ୍ତ ଟେକ୍ସଟବକ୍ସରେ ଓ.ଟି.ପି. ପ୍ରବେଶ କରାଇ ଯାଞ୍ଚ ବଟନକୁ ଦବାଇ ପ୍ରବେଶ କରାଯାଇଥିବା ଅଙ୍କ ବିଷୟରେ ସୁନିଶ୍ଚିତ ହୁଅନ୍ତୁ ।

**ଦୃଷ୍ଟି ଦିଅନ୍ତୁ**

ଆଧାର ସଂଲଗ୍ନ କୃଷକଙ୍କ ମୋବାଇଲ ନମ୍ବର ପଞ୍ଜୀକୃତ ହୋଇ ନ ଥିଲେ କିମ୍ବା ଅସିଦ୍ଧ ଥିଲେ , କୃଷକ ଯେ କୌଣସି ଆଧାର କେନ୍ଦ୍ରରେ ଏହାକୁ ଅପଡେଟ କରିବା ଆବଶ୍ୟକ ।

ଜଣେ ନୂଆ କୃଷକ ସଫଳ ଭାବେ ଲଗଇନ କଲାପରେ କୃଷକ ଡ୍ୟାସବୋର୍ଡରେ ପହଞ୍ଚିବେ ।

ଚିତ୍ର ୨- ୩




**ଚିତ୍ର ୨-୩ କୃଷକ ଡ୍ୟାସବୋର୍ଡ**

ନୂତନ କୃଷକଙ୍କ ସବିଶେଷ ବିବରଣୀ ଅପଡେଟ କରିବା ପାଇଁ ଚିତ୍ର ୨-୩ରେ ହାଇଲାଇଟ ହୋଇଥିବା ଅପଡେଟ ପ୍ରୋଫାଇଲ ଅପସନରେ କ୍ଲିକ କରନ୍ତୁ ।




**ଚିତ୍ର ୨-୪ ମୋବାଇଲ ନମ୍ବର ସ୍କ୍ରିନ ଯାଞ୍ଚ କରନ୍ତୁ**

ପ୍ରଦତ୍ତ ଟେକ୍ସଟବକ୍ସରେ ବ୍ୟବହାରକାରୀଙ୍କ ପ୍ରାଥମିକ ମୋବାଇଲ ନମ୍ବର ପ୍ରବେଶ କରାନ୍ତୁ । ପ୍ରବେଶ କରାଯାଇଥିବା ମୋବାଇଲ ନମ୍ବର ସମ୍ପୃକ୍ତ ବ୍ୟବହାରକାରୀଙ୍କର କି ନୁହେଁ ଜାଣିବା ପାଇଁ ଯାଞ୍ଚ ବଟନକୁ କ୍ଲିକ କରନ୍ତୁ ।

ଏହାଦ୍ୱାରା ଏକ ଆଲର୍ଟ ବାର୍ତ୍ତା ସମ୍ପୃକ୍ତ ବ୍ୟବହାରକାରୀଙ୍କ ନିକଟକୁ ଯାଏ । ପ୍ରାଥମିକ ମୋବାଇଲ ଅପଡେଟ କରିବେ କି ନାହିଁ ପଚରା ଯାଇଥାଏ ।




ଚିତ୍ର ୨-୫ ମୋବାଇଲ ନମ୍ବର ଅପଡେଟ ଆଲର୍ଟ ମେସେଜ ସ୍କ୍ରିନ

ଆପଣଙ୍କ ମୋବାଇଲକୁ ଓ.ଟି.ପି. ପ୍ରେରଣ କରାଯିବାକୁ ଥିଲେ "ହଁ" ରେ କ୍ଲିକ କରନ୍ତୁ । ନଚେତ "ନାଁ"।

ଯଦି "ହଁ" ଚୟନ କରନ୍ତି, ଉପରେ ପ୍ରବେଶ କରାଯାଇଥିବା ପ୍ରାଥମିକ ମୋବାଇଲ ନମ୍ବରକୁ ଏକ ଓ.ଟି.ପି. ପ୍ରେରଣ କରାଯାଏ । ଟେକ୍ସଟ ବକ୍ସରେ ଗୃହୀତ ହୋଇଥିବା ୬ ଅଙ୍କ ଯୁକ୍ତ ଓ.ଟି.ପି.କୁ ପ୍ରବେଶ କରାନ୍ତୁ । ବଟନ କ୍ଲିକ କରନ୍ତୁ । ଚିତ୍ର ୨-୬ :




ଚିତ୍ର ୨-୬ ଓ.ଟି.ପି. ଭେଲିଡେସନ ସ୍କ୍ରିନ

ଓ.ଟି.ପି. ୧୦ ମିନିଟ ପର୍ଯ୍ୟନ୍ତ ରହିବ । ୧୦ ମିନିଟ ମଧ୍ୟରେ ଓ.ଟି.ପି. ଗ୍ରହଣ ନ କଲେ, ତା ପରେ ରିସେଣ୍ଡ ଓ.ଟି.ପି. ଅପସନରେ କ୍ଲିକ କରନ୍ତୁ ।

ଥରେ ପ୍ରାଥମିକ ମୋବାଇଲ ନମ୍ବର ଯାଞ୍ଚ ହୋଇ ଗଲେ ସେହି ମୋବାଇଲ ନମ୍ବର କୁ କୃଷକ ଓଡିଶା ରେ ସ୍ଥାନିତ କରାଯାଏ ।




**ଚିତ୍ର ୨-୭ ସଫଳ ବାର୍ତ୍ତା ସ୍କ୍ରିନ**

କୃଷକମାନେ ଏହି ପ୍ରାଥମିକ ମୋବାଇଲ ନମ୍ବରକୁ ଲଗଇନ ପାରିବେ । ଅଗ୍ରସର ହେବାପାଇଁ ଓ.କେ. କୁ କ୍ଲିକ କରନ୍ତୁ । ଆଧାର ନମ୍ବର ଓ.ଟି.ପି. ପ୍ରବେଶ ଓ ପଞ୍ଜିକରଣକଲାପରେ କେ.ୱାଇ.ସି. ସୃଷ୍ଟି ହେବ ।

**ଦୃଷ୍ଟିଦିଅନ୍ତୁ**

ଯଦି ଆଧାର ସହିତ ପଞ୍ଜୀକୃତ ହୋଇନଥିବା ମୋବାଇଲ ନମ୍ବର ଠିକ ନ ଥାଏ, ତେବେ ବ୍ୟବହାରକାରୀ ଆଧାରରେ ମୋବାଇଲ ନମ୍ବର ଅପଡେଟ କରିବା ଆବଶ୍ୟକ ।

## ୨.୩ ଲଗଇନ

ଯଦି କୃଷକଙ୍କ ଆଧାର ନମ୍ବର ପଞ୍ଜୀକୃତ ହୋଇଯାଉଛି,ତେବେ କୃଷକ ଓଡିଶା ପୋର୍ଟାଲରେ ଲଗଇନ କରିବା ପାଇଁ ନିମ୍ନ ପଦକ୍ଷେପ ଗ୍ରହଣ କରନ୍ତୁ ।




**ଚିତ୍ର ୨-୮ ପ୍ରାଥମିକ ମୋବାଇଲ ସ୍କ୍ରିନରେ ଓ.ଟି.ପି. ଭେଲିଡେସନ**

ପ୍ରଦତ୍ତ ଟେକ୍ସ ବକ୍ସରେ ପଞ୍ଜୀକୃତ ଆଧାର ନମ୍ବର ଏଣ୍ଟର କରାଇଲେ କୃଷକ ପ୍ରାଥମିକ ମୋବାଇଲ ନମ୍ବରକୁ ଏକ ଓ.ଟି.ପି. ଯାଏ ।

ପ୍ରାଥମିକ ମୋବାଇଲ ନମ୍ବରରେ କୃଷକ ସିଷ୍ଟମ ସୃଷ୍ଟ ୬ ଅଙ୍କ ଯୁକ୍ତ ଓ.ଟି.ପି. ପାଇଥାଏ । ଏହି ଓ.ଟି.ପି. ୧୦ ମିନିଟ ରହିବାପରେ ଚାଲିଯାଏ ।

ପ୍ରଦତ୍ତ ଟେକ୍ସଟବକ୍ସରେ ଓ.ଟି.ପି. ପ୍ରବେଶ କରାଇ ଅଙ୍କ ବିଷୟରେ ସତ୍ୟତା ଜାଣିବାପାଇଁ ଭେଲିଡେଟ ବଟନକୁ କ୍ଲିକ କରନ୍ତୁ ।

ଭେଲିଡେସନ କରିବା ପରେ ଆପଣ କୃଷକ ଡ୍ୟାସବୋର୍ଡରେ ପହଞ୍ଚିବେ ।

ଯଦି କୃଷକର ଏକ ପ୍ରାଥମିକ ମୋବାଇଲ ନମ୍ବର ନ ଥାଏ / କିମ୍ବା ମୋବାଇଲ ନମ୍ବର ଭୁଲ ଥାଏ, “ଅପଡେଟ ପ୍ରୋଫାଇଲ” ରେ ଏହାକୁ ଅପଡେଟ କରିହେବ ।

## ୩. ଡ୍ୟାସବୋର୍ଡ

ସଫଳ ଭାବେ ଲଗଇନ କଲାପରେ ଆପଣ କୃଷକ ଓଡିଶା ଡ୍ୟାସବୋର୍ଡକୁ ଯିବେ । ଏଥିରେ କୃଷକଙ୍କ ତଥ୍ୟ ସମାପ୍ତି ଶତାଂଶରେ ଦେଖାଇବ । କୃଷକ ଓଡିଶା ପୋର୍ଟାଲ ପଞ୍ଜୀକରଣ ବେଳେ ବାସସ୍ଥାନ, ବ୍ୟାଙ୍କ ଖାତା, ଫସଲ ଉତ୍ପାଦନ, ପ୍ରାଣୀପାଳନ, ମାଛ, ଜଳଜୀବ ଚାଷ ସମ୍ବନ୍ଧୀୟଜନସଂଖ୍ୟା ତଥ୍ୟ ସ୍ଥାନୀତ କରାଯିବ ।




**ଚିତ୍ର ୩-୧ ଡ୍ୟାସବୋର୍ଡ**

ଡ୍ୟାସବୋର୍ଡରେ କୃଷକଙ୍କ ଚାଷ ସମ୍ବନ୍ଧୀୟ ସବିଶେଷ ବିଜ୍ଞପ୍ତି ରହିବ ।

କୃଷକଙ୍କ ଦ୍ଵାରା ପ୍ରଦତ୍ତ ତଥ୍ୟ ଓ ଅଭିଯୋଗ ପ୍ରଦର୍ଶିତ ହୋଇଥାଏ ।

ଚିତ୍ର ୩-୧ ର ହାଇଲାଇଟ ଅନୁସାରେ ପ୍ରଦର୍ଶିତ ଡ୍ୟାସବୋର୍ଡରେ ଅପଡେଟ ପ୍ରୋଫାଇଲ ଅପ୍ସନକୁ କ୍ଲିକ କରି ଆପଣ ୟୁଜର ପ୍ରୋଫାଇଲ ଡିଟେଲକୁ ଅପଡେଟ କରିପାରିବେ ।

# ୪. ତଥ୍ୟ ଅପଡେଟ ସମ୍ବନ୍ଧେ




ଚିତ୍ର ୪.୧ ଆବେଦନ କାରୀଙ୍କ ତଥ୍ୟ ସ୍କ୍ରିନ

ଆବେଦକଙ୍କ ନାମ, ଆଧାର ନମ୍ବର, ଲିଙ୍ଗ, ଜନ୍ମ ତାରିଖ ଓ ମୋବାଇଲ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ଅଟୋ -ପପୁଲେଟେଡ ହୋଇଯାଏ ।

## ୪.୧. ମୋବାଇଲ ନମ୍ବର ଅପଡେଟ କରନ୍ତୁ

ନୂତନ କୃଷକଙ୍କ ପଞ୍ଜୀକରଣ କ୍ଷେତ୍ରରେ ତାଙ୍କର ମୋବାଇଲ ନମ୍ବର ଅପଡେଟ ନ ହୋଇ କୃଷକ ପ୍ରୋଫାଇଲରୁ ଲଗ ଆଉଟ ହୋଇଗଲେ,ପରବର୍ତ୍ତୀ ଲଗଇନରେ ସିଷ୍ଟମ ଏହାକୁ ଅପଡେଟ କରିବାପାଇଁ କହେ ।




**ଚିତ୍ର ୪-୨ ପଞ୍ଜୀକୃତ ହୋଇନଥିବା ମୋବାଇଲରେ ଆଲର୍ଟମେସେଜସ୍କ୍ରିନ**

ଏହି ବ୍ୟବସ୍ଥା ବ୍ୟବହାରକାରୀଙ୍କୁ ଏକ ଆଲର୍ଟମେସେଜଦେଇଥାଏ ଓ ପଞ୍ଜୀକୃତ ହୋଇନଥିବା ନିଜର ମୋବାଇଲ ନମ୍ବରକୁ ଅପଡେଟ କରିବା ପାଇଁ ପଚାରିଥାଏ ।

ଅପଡେଟ ମୋବାଇଲ ନମ୍ବର ବଟନକୁ କ୍ଲିକ କରି ଚାଷୀର ପଞ୍ଜୀକୃତ ହେବାକୁ ଥିବା ପ୍ରାଥମିକ ମୋବାଇଲ ନମ୍ବରକୁ ଅପଡେଟ କରି ଦିଆଯାଏ ।




**ଚିତ୍ର ୪-୩ ମୋବାଇଲ ନମ୍ବର ଅପଡେଟ ସ୍କ୍ରିନ**

**ଚିତ୍ର ୪-୩ ଅନୁଯାୟୀ :**

- ପ୍ରଦତ୍ତ ଟେକ୍ସଟ ବକ୍ସ ମଧ୍ୟରେ କୃଷକର ପଞ୍ଜୀକୃତ ଆଧାର ନମ୍ବର ପ୍ରବେଶ କରାନ୍ତୁ ।
- ନିର୍ଦ୍ଦିଷ୍ଟ କ୍ଷେତ୍ରରୁ ଆସିଥିବା କୃଷକର ଜନ୍ମ ତାରିଖକୁ ବର୍ଷ, ମାସ ଓ ଦିନ ଅନୁଯାୟୀ ସ୍ଥାନିତ କରାନ୍ତୁ ।
- ପ୍ରଦତ୍ତ ଟେକ୍ସଟ ବକ୍ସ ମଧ୍ୟରେ କୃଷକର ଉଦ୍ଦିଷ୍ଟ  ମୋବାଇଲ ନମ୍ବରକୁ ପ୍ରବେଶ କରାନ୍ତୁ ।
- ସ୍ଥାନିତ ହୋଇଥିବା କୃଷକର ଆଧାର ନମ୍ବର ଓ ମୋବାଇଲ ନମ୍ବରକୁ ଭେଲିଡେଟ କରିବା ଲାଗି ଯାଞ୍ଚ (verify) ବଟନକୁ କ୍ଲିକ କରନ୍ତୁ ।

ଏହା କଲାପରେ ଯୋଗାଯାଇଥିବା ମୋବାଇଲ ନମ୍ବରକୁ  ଏକ ୬ ଅଙ୍କ ବିଶିଷ୍ଟ ଓ.ଟି.ପି. ପଠାଯାଏ ।




**ଚିତ୍ର ୪-୪ ଓ.ଟି.ପି. ଭେଲିଡେସନ ସ୍କ୍ରିନ**

ପ୍ରଦତ୍ତ ସ୍ଥାନରେ ୬ ଅଙ୍କ ବିଶିଷ୍ଟ  ଓ.ଟି.ପି. କୁ ପ୍ରବେଶ କରନ୍ତୁ । ଯାହା କେବଳ  ୧୦ ମିନିଟ ପାଇଁ ବୈଧ ରହିବ ।

ଯଦି ତୁମେ ୧୦ ମିନିଟ ମଧ୍ୟରେ ଓ.ଟି.ପି. ପାଇ ନ ଥାଅ, ତାହାପରେ ରିସେଣ୍ଡ ଓ.ଟି.ପି. କୁ କ୍ଲିକ କର।

ଓ.ଟି.ପି.କୁ ସ୍ଥାନିତ କରିବା ପାଇଁ ଭେଲିଡେଟ ବଟନକୁ କ୍ଲିକ କରନ୍ତୁ ।

ଓ.ଟି.ପି. ବିଧିମାନ୍ୟ ହେବାପରେ ,ଡ୍ୟାସବୋର୍ଡକୁ ଯାଅ ।




**ଚିତ୍ର ୪-୫ ଡ୍ୟାସବୋର୍ଡ**

ପଞ୍ଜିକରଣ ପରେ ନିଜସ୍ୱ ପ୍ରୋଫାଇଲର ବିବରଣୀକୁ ଦେଖିବା ଓ ପରିଚାଳନା କରିବା ପାଇଁ ବାମ ପଟ  ଥିବା ମେନୁର ପ୍ରୋଫାଇଲ ଲିଙ୍କକୁ କ୍ଲିକ କରନ୍ତୁ । ତାହା ଚିତ୍ର ୪-୬ ଅନୁଯାୟୀ ନିମ୍ନର ଜନସଂଖ୍ୟା ବିବରଣୀ ସ୍କ୍ରିନକୁ ଆପଣଙ୍କୁ ନେଇଯିବ ।

## ୪.୨ ଜନସଂଖ୍ୟା ବିବରଣୀ

### ଚିତ୍ର ୪-୬ ଅନୁଯାୟୀ :




ଚିତ୍ର ୪-୬ ଜନସଂଖ୍ୟା ବିବରଣୀ (୧)

- ଆବେଦନକାରୀଙ୍କ ନାମ, ଆଧାର ନମ୍ବର, ଲିଙ୍ଗ, ଜନ୍ମ ତାରିଖ ଏବଂ ବ୍ୟବହାରକାରୀଙ୍କ ମୋବାଇଲ ନମ୍ବରଟି, ପଞ୍ଜୀକରଣ ସମୟରେ ପ୍ରଦତ୍ତ ପରି ଆପେ ସୁରକ୍ଷିତ ହୋଇଯିବ ।
  - କୃଷକର ଏକ ବର୍ତ୍ତମାନରଫଟୋକୁସ୍କାନ କରି ଅପଲୋଡ କରନ୍ତୁ, ଯାହା କେବଳ ଜେପିଜି କିମ୍ବା ଜେପିଇଜି ହୋଇ ଥିବ ଏବଂ ୫୦ କେଭିରୁ ଅଧିକ ନ ହୋଇଥିବା ଆବଶ୍ୟକ ।
- ବ୍ୟବହାରକାରୀଙ୍କ ବୈବାହିକ ଅବସ୍ଥା ଯଥା – ଏକା, ବିବାହିତ, ବିଧବା, ବିବାହ ବିଚ୍ଛେଦ କିମ୍ବା ପୃଥକ ବାସକୁ ବାଛନ୍ତୁ ।
  - ସାମାଜିକ ବର୍ଗ ଡ୍ରପ ଡାଉନ ମେନୁରୁ ଆପଣ ଅନ୍ତର୍ଭୁକ୍ତ ହେଉଥିବା ଜାତିର ବର୍ଗଚୟନ କରନ୍ତୁ ।

➢ ସାମାଜିକ ବର୍ଗ- ସାଧାରଣ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ କିମ୍ବା ଅନ୍ୟ ବର୍ଗର ହୋଇପାରେ ।

➢ ଯଦି ସାମାଜିକ ବର୍ଗରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି କିମ୍ବା ଅନ୍ୟାନ୍ୟ ପଛୁଆ ବର୍ଗ ହୋଇଥାଏ, ତେବେ ଆପଣ ଜାତିଗତ ପ୍ରମାଣପତ୍ର ଯୋଗାଇ ଦିଆଯାଉଥିବା ସ୍ଥାନରେ ଦେବାକୁ ପଡିବ ।

➢ ଯଦି ସାମାଜିକ ବର୍ଗରେ ଅନ୍ୟ ଚୟନ କରାଯାଏ, ତେବେ ଆପଣଙ୍କୁ ଟେକ୍ସଟ ବକ୍ସ ମଧ୍ୟରେ ଜାତିଗତ ପ୍ରମାଣ ପତ୍ର ନମ୍ବର ଜଣାଇବା ସହିତ,ନିମ୍ନ ଚିତ୍ର ୪-୭ ଅନୁଯାୟୀ ପରେ ଅନ୍ୟ ବର୍ଗର ନାମ ଲେଖିବା ଆବଶ୍ୟକ ।




ଚିତ୍ର ୪-୭ ଜନସଂଖ୍ୟା ବିବରଣୀ (୨)

- ଅନୁଗ୍ରହକରି ଏକ ବୈଧ ଥିବା ୧୦ ଅଙ୍କ ବିଶିଷ୍ଟ ମୋବାଇଲ ନମ୍ବର ଜଣାନ୍ତୁ । ଯାହା ମାଧ୍ୟମରେ ଦ୍ଵିତୀୟାକ ମୋବାଇଲ ନମ୍ବର ଟେକ୍ସଟ ବାକ୍ସରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ଆପଣଙ୍କୁ ଯୋଗାଯୋଗ କରାଯିବ ।
- ଯଦି ପ୍ରଦତ୍ତ ମୋବାଇଲ ନମ୍ବରଟି ଆପଣଙ୍କର, ତେବେ ହଁ ଲେଖନ୍ତୁ । ଯଦି ନୁହେଁ, ତେବେ ନିଜ ମୋବାଇଲ କ୍ଷେତ୍ରରେ "ନା" ଲେଖନ୍ତୁ ।
- ବାସସ୍ଥାନ ବିବରଣୀ ରହୁଥିବା -
    - ➢ ଜିଲ୍ଲା, ବ୍ଲକ/ ବିଜ୍ଞପିତ ପରିଷଦ/ ମ୍ୟୁନିସିପାଲିଟି, ଗ୍ରାମ ପଞ୍ଚାୟତ ଏବଂ ଗ୍ରାମକୁ ନିର୍ଦ୍ଦିଷ୍ଟ ମେନୁରେ ଚୟନ କରନ୍ତୁ ।
    - ➢ ପ୍ରଦତ୍ତ ଲେଖା ସ୍ଥାନରେ କୃଷକ ସମ୍ପୂର୍ଣ୍ଣ,ଠିକଣା ଲେଖନ୍ତୁ ।

ପୂରଣ ହୋଇଥିବା ତଥ୍ୟାବଳୀର ପ୍ରବେଶ ନିମନ୍ତେ ସେଭ କଣ୍ଟିନ୍ୟୁ ବଟନ କ୍ଲିକ କରନ୍ତୁ ଏବଂ ପରବର୍ତ୍ତୀ ସ୍କ୍ରିନରେ ଅପଡେଟ ପାଇଁ ଯାଆନ୍ତୁ ।




ଚିତ୍ର ୪-୮ ଆଲର୍ଟସ୍କ୍ରିନ

ଅଗ୍ରଗତି କରି, ଆପଣ ପ୍ରଦତ୍ତ ବିବରଣୀର ପଞ୍ଜିକରଣ ପାଇଁ ଆଗେଇବାକୁ ଚାହୁଁଛନ୍ତି କି ନାହିଁତା ଉପରେ ବ୍ୟବସ୍ଥାରୁ ଏକ ଆଲର୍ଟମେସେଜ ଆସିଥାଏ ।

- ବ୍ୟାଙ୍କ ବିବରଣୀ ପୃଷ୍ଠା ଉପରେ ହଁ , କ୍ଲିକ କରନ୍ତୁ ।

## ୪.୩ ବ୍ୟାଙ୍କ ବିବରଣୀ

କୃଷକମାନଙ୍କର ଜନସଂଖ୍ୟା ବିବରଣୀକୁ ସଂରକ୍ଷିତ କରିବାପରେ ଆପଣ ବ୍ୟାଙ୍କ ଡିଟେଲ୍ସ ସ୍କ୍ରିନକୁ ଯିବେ। କୃଷକମାନଙ୍କର ବ୍ୟାଙ୍କ ବିବରଣୀ ଦେଖିପାରିବେ ଏବଂ ଅପଡେଟ କରିପାରିବେ । ଏଥିଲାଗି ଚିତ୍ର ୪-୯ ଦେଖନ୍ତୁ ।




**ଚିତ୍ର ୪-୯ ବ୍ୟାଙ୍କ ଡିଟେଲ୍ସ ସ୍କ୍ରିନ**

- ପ୍ରଦତ୍ତ ଟେକ୍ସଟ ବାକ୍ସରେ ଯେଉଁଠାରେ ବ୍ୟବହାରକାରୀର ଆକାଉଣ୍ଟ ରହିଛି, ସେଠାରେ ବ୍ୟାଙ୍କର ଆଇ. ଏଫ.ଏସ. କୋର୍ଡ ସ୍ଥାନିତ କରନ୍ତୁ ।
- ଆଇ. ଏଫ.ଏସ. କୋର୍ଡସ୍ଥାନିତ ହେବା ଅନୁଯାୟୀ ବ୍ୟାଙ୍କର ନାମ ଓ ଶାଖା ନିର୍ଦ୍ଦିଷ୍ଟ ସ୍ଥାନରେ ଆପେ ଆପେ ଆସିଯିବ ।
- ବ୍ୟବହାରକାରୀଙ୍କ ଆକାଉଣ୍ଟ ନମ୍ବର ସ୍ଥାନିତ କରିବା ପରେ ଆକାଉଣ୍ଟଧାରୀଙ୍କ ନାମ ଉଲ୍ଲେଖ କରନ୍ତୁ ।
- ବ୍ୟାଙ୍କ ଅନୁଯାୟୀ କେଉଁ ପ୍ରକାର ଆକାଉଣ୍ଟ ପ୍ରଚଳିତ ଅଛି ଲେଖନ୍ତୁ । ଯଥା – କରେଣ୍ଟ, ସେଭିଙ୍ଗ୍ସ କିମ୍ବା ଜନଧନ ।
- ଡ୍ରପ ଡାଉନ ମେନୁରୁ ଆକାଉଣ୍ଟଧାରୀଙ୍କ କୃଷକଙ୍କ ସହିତ କେଉଁ ପ୍ରକାର ସମ୍ପର୍କ, ତାହା ଚୟନ କରନ୍ତୁ ।

- କୃଷକଙ୍କ ବ୍ୟାଙ୍କ ବିବରଣୀ  ସେଭ କରିବା ନିମନ୍ତେ ସେଭ ଏବଂ କଣ୍ଟିନ୍ୟୁ ବଟନ କ୍ଲିକ କରନ୍ତୁ ଏବଂ ଆଗାନ୍ତୁ ।

ଏହିପରି କରିବା ଦ୍ୱାରା ଆପଣ ପ୍ରକୃତରେ ପ୍ରଦତ୍ତ ବିବରଣୀ ଗୁଡିକୁ ପଞ୍ଜୀକରଣ କରିବା ନିମିତ୍ତ ଚାହୁଁଛନ୍ତି କି ନାହିଁ,ସେବିଷୟ ଜଣାଇବା ପାଇଁ ଏକ ଆଲର୍ଟମେସେଜ ପ୍ରଦାନର ବ୍ୟବସ୍ଥା ରହିଛି ।




**ଚିତ୍ର ୪-୧୦ ଆଲର୍ଟ ସ୍କ୍ରିନ**

ପ୍ରଦତ୍ତ ବିବରଣୀ ସହ ପଞ୍ଜିକରଣ ପାଇଁ ଆଗେଇବା ନିମିତ୍ତ ହଁ କ୍ଲିକ କରନ୍ତୁ । ଏହି ସିଷ୍ଟମରୁ ବ୍ୟାଙ୍କ ତଥ୍ୟାବଳୀ ସଫଳତାର ସହ ଅପଡେଟେଡ ହେଲା ବୋଲି ଏକ ମେସେଜ ଆସିଥାଏ । ଚିତ୍ର ୪-୧୧କୁ ଦେଖି ନିଅନ୍ତୁ ।




**ଚିତ୍ର ୪-୧୧ ସକ୍ସେସ ମେସେଜ ସ୍କ୍ରିନ**

ଅକ୍ୟୁପେସନାଲ ଡିଟେଲ ସ୍କ୍ରିନକୁ ଯିବା ପାଇଁ  ଓକେ କ୍ଲିକ କରନ୍ତୁ ।

## ୪.୪ ଅକ୍ୟୁପେସନ ଡିଟେଲ୍ସ

କୃଷକର ବ୍ୟାଙ୍କ ବିବରଣୀ ସେଭ କରିବା ପରେ, ଆପଣ ଅକ୍ୟୁପେସନାଲ ବିବରଣୀକୁ ସଂଯୋଗ ଓ ଅପଡେଟ ନିମନ୍ତେ ଆଗେଇ ପାରିବେ । ଚିତ୍ର ୪-୧୧ କୁ ଦେଖିନିଅନ୍ତୁ ।




**ଚିତ୍ର ୪-୧୨ ଅକ୍ୟୁପେସନାଲ ଡିଟେଲ୍ସ ସ୍କ୍ରିନ**

- କୃଷକ କେଉଁ ପ୍ରକାର ବୃତ୍ତି ଗ୍ରହଣ କରିବେ ତାହା ବାଛନ୍ତୁ । ଯଥା – ଫସଲ ଚାଷ ଏବଂ କୃଷି ଶ୍ରମିକ
  - ➢ ସଠିକ ଚୟନ କରିବା ଦ୍ୱାରା ଆପଣ ଫସଲ ଚାଷୀ କିମ୍ବା କୃଷି ଶ୍ରମିକ ବିକଳ୍ପକୁ ପସନ୍ଦ କରୁଛନ୍ତି , ତାହା ଚିହ୍ନଟ ହୋଇଯିବ ।
- କୃଷି କାର୍ଯ୍ୟକଳାପ – ଫସଲ ଉତ୍ପାଦନ, ପ୍ରାଣୀ ପାଳନ, ମତ୍ସ୍ୟ ଚାଷ ଏବଂ ବନୀକରଣକୁ ବାଛନ୍ତୁ ।
- ଦିଆଯାଇଥିବା ବିଭିନ୍ନ ବିକଳ୍ପର ତାଲିକାରୁ କୃଷକ ଅନ୍ୟ କେଉଁ ବୃତ୍ତି ଗ୍ରହଣ କରିବ, ତାହାକୁ ବାଛନ୍ତୁ।
  - ➢ କୃଷକଙ୍କ ଅନ୍ୟ ବୃତ୍ତି ଗ୍ରହଣ ପାଇଁ ଥିବା ବହୁବିଧ ବିକଳ୍ପକୁ ଚିହ୍ନଟ କରିବାର ବ୍ୟବସ୍ଥା ଏଥିରେ ରହିଛି।

- ସ୍ଥାନିତ ହୋଇଥିବା କୃଷକର ତଥ୍ୟ ଯାଞ୍ଚ କରିବାକୁ ପୂର୍ବ ବଟନକୁ କ୍ଲିକ କରନ୍ତୁ । ଏହା ଆପଣଙ୍କୁ ବ୍ୟାଙ୍କ ବିବରଣୀ ଏବଂ ଜନସଂଖ୍ୟା ବିବରଣୀ ସ୍କ୍ରିନକୁ ନେଇଯିବ ।
- ସ୍ଥାନୀତ ହୋଇଥିବା ତଥ୍ୟାବଳୀକୁ ସେଭ କରି ପ୍ରକ୍ରିୟାର ସମାପ୍ତି ଦିଗରେ ଅଗ୍ରସର ହେବା ନିମନ୍ତେ ସେଭ ଏବଂ କଣ୍ଟିନ୍ୟୁ ବଟନ କ୍ଲିକ କରନ୍ତୁ ।

ଏହାଦ୍ୱାରା ଆପଣ ସେସବୁ ପ୍ରଦତ୍ତ ବିବରଣୀର ପଞ୍ଜିକରଣ କରି ଆଗେଇବାକୁ ଚାହୁଁଛନ୍ତି କି ନାହିଁ ତା ଉପରେ ସିଷ୍ଟମରୁ ଏକ ଆଲର୍ଟ ମେସେଜ ଯିବ ।




**ଚିତ୍ର ୪-୧୩ ଆଲର୍ଟ ସ୍କ୍ରିନ**

ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ହଁ କ୍ଲିକ କରନ୍ତୁ ।

ଥରେ ସେଭ ହେଲା ପରେ ନିମ୍ନମତେ  କୃଷିର ପ୍ରତି କାର୍ଯ୍ୟକଳାପକୁ  ଯିବେ । ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସମସ୍ତ ତଥ୍ୟାବଳୀକୁ ଚିହ୍ନଟ କରାଯାଇପାରିବ ।

## ୪.୫ ଚାଷ ଜମି ବିବରଣୀ

ଚିତ୍ର ୪.୧୪ ଅନୁଯାୟୀ ସ୍କ୍ରିନ ଉପର ଚାଷ ଜମି ବିବରଣୀକୁ ଯାଇ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଫସଲ ଚାଷ ବିବରଣୀକୁ ସ୍ଥାନିତ କରନ୍ତୁ ।




ଚିତ୍ର ୪-୧୪ ଚାଷ ଜମି ବିବରଣୀ ସ୍କ୍ରିନ (୧)

### ଚିତ୍ର ୪ -୧୪ ଅନୁସରଣରେ

- କୃଷକ ଯେଉଁ ନିର୍ଦ୍ଦିଷ୍ଟ ମେନୁ ଭୁକ୍ତ ହୋଇଥିବେ, ସେଥିରୁ ଜିଲ୍ଲାନାମ, ତହସିଲ ନାମ, ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ ନାମ ଏବଂ ଗ୍ରାମର ନାମ ଚୟନ କରନ୍ତୁ ।

- ଉଦ୍ଦିଷ୍ଟ ଅଂଶରେ ଖାତା ନମ୍ବର ଏବଂ ପ୍ଲଟ ନମ୍ବର ଭଳି ତଥ୍ୟ ସ୍ଥାନିତ କରି ପ୍ଲଟର ସମ୍ପୂର୍ଣ ବିବରଣୀ ପ୍ରଦାନ କରନ୍ତୁ ।
    - ➢ ଏହା କରିବାଦ୍ୱାରା ପ୍ଲଟ ମାଲିକଙ୍କ ନାମ ଡ୍ରପ ଡାଉନ ମେନୁକୁ ଚାଲିଯିବ । ପ୍ରଦତ୍ତ ତାଲିକାରୁ ମାଲିକଙ୍କ ନାମ ଚୟନ କରନ୍ତୁ ।
- ପ୍ଲଟ ମାଲିକଙ୍କ ସହ କୃଷକଙ୍କ ସମ୍ପର୍କ ଚୟନ କରନ୍ତୁ ।
- ସ୍ଥାନୀୟ ପ୍ଲଟ ନମ୍ବର ଅନୁଯାୟୀ ଜମି ପରିମାଣ ସ୍ୱତ ସ୍ଥାପିତ ହୋଇଯିବ ।
- କୃଷକ ଚାଷ କରିଥିବା ସମୁଦାୟ ଜମି ପରମାଣ ସ୍ଥାନିତ କରନ୍ତୁ ।
- ଜମି ପ୍ରକାର ଟେକ୍ସ ବକ୍ସରେ କୃଷକର ଜମିର ପ୍ରକାର ସ୍ଥାନିତ କରନ୍ତୁ ।
- ଫସଲ ବିବରଣୀ ଚୟନରେ ଯଥାକ୍ରମେ ଖରିଫ,ରବି ଓ ଖରାଦିନିଆ ଫସଲ ଚାଷର ପ୍ରକାର ବିବରଣୀ ଚୟନ କରନ୍ତୁ ।
- ପ୍ରତ୍ୟେକ ଅଂଶରେ ଆପଣଙ୍କ ଚୟନ ପାଇଁ ଅନେକ ବିକଳ୍ପ ଅଛି ।
- ଜଳସେଚନ ବିବରଣୀ ଅଂଶରେ,"ହଁ" କିମ୍ବା "ନା" ଚୟନ କରି କୃଷକଙ୍କ ଜଳସେଚନର ସୁବିଧା ଅଛି କି ନାହିଁ ସୂଚିତ କରନ୍ତୁ ।
- ଡ୍ରପ ଡାଉନ ମେନୁରୁ କୃଷକଙ୍କ ଉପଲବ୍ଧ ଥିବା ଜଳସେଚନର ସୁବିଧା ପ୍ରକାର ଚୟନ କରନ୍ତୁ ।
- କୃଷକଙ୍କର ଅଧିକ ପ୍ଲଟ ସ୍ଥାନିତ କରିବା ପାଇଁ 'ଆଡ ମୋର"(add more) ପ୍ଲଟ ବଟନକୁ କ୍ଲିକ କରନ୍ତୁ ।




ଚିତ୍ର ୪-୧୫ ଚାଷ ଜମି ବିବରଣୀ ସ୍କ୍ରିନ (୨)

- ଉପରି ଭାଗରେ ସ୍ଥାନିତ ପ୍ଲଟ ବିବରଣୀ କୃଷକଙ୍କ ପାଇଁ ସେଭ ହୁଏ ।
    - ➢ ରିମୁଭ ପ୍ଲଟ ଅପ୍ସନରେ କ୍ଲିକ କଲେ ସମସ୍ତ ତଥ୍ୟ ତାଲିକାରୁ ବାଦ ଦିଆଯାଇପାରେ ।

- ନିମ୍ନ ଭାଗରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତଥ୍ୟ ସ୍ଥାନିତ କରି ଆପଣ ଅଧିକ ପ୍ଲଟ ଯୋଗ କରିପାରିବେ ।
- ପରେ ପରେ ନିର୍ଦ୍ଦିଷ୍ଟ କୃଷକଙ୍କ ପାଇଁ ଅଧିକ ପ୍ଲଟ ଯୋଗ କିମ୍ବା ବାଦ କରିପାରିବେ ।
- ମେନୁ ତାଲିକାରୁ ଚାଷ ପାଇଁ ଉପଲବ୍ଧ କୃଷି ଉପକରଣ/ ଯନ୍ତ୍ରପାତି ଚୟନ କରନ୍ତୁ ।

ସେଭ ଓ କଣ୍ଟିନିଉ ଅପ୍ସନ କ୍ଲିକ କରି ଆଗାନ୍ତୁ ।




ଚିତ୍ର ୪-୧୬ ଆଲର୍ଟ ମେସେଜ ସ୍କ୍ରିନ

ପଞ୍ଜୀକରଣ ସମାପ୍ତ କରିବା ନିମନ୍ତେ "ହଁ" କ୍ଲିକ କରି ଆଗାନ୍ତୁ ।

ଥରେ ସେଭ ହୋଇଗଲେ, ଆପଣ ପଶୁପାଳନ ସ୍କ୍ରିନରେ ପ୍ରବେଶ କରିପାରିବେ, ଯେଉଁଠାରେ ନିର୍ଦ୍ଦିଷ୍ଟ କ୍ଷେତ୍ରରୁ ସମସ୍ତ ତଥ୍ୟ ଚୟନ କରାଯିବ ।

## ୪.୬ ପଶୁପାଳନ

ପଶୁପାଳନ ସ୍କ୍ରିନକୁ ଯିବା ପାଇଁ ଚିତ୍ର ୪-୧୭ କୁ ଅନୁସରଣ କରନ୍ତୁ ।

ଯଦି କୃଷକଙ୍କ ବଡ ପଶୁଥାନ୍ତି କିମ୍ବା ନଥାନ୍ତି ତେବେ,

- ଡ୍ରପ ଡାଉନ ତାଲିକାରୁ "ହଁ" କିମ୍ବା "ନା" ଚୟନ କରନ୍ତୁ ।
- ଯଦି "ହଁ", ତେବେ ଉପଲବ୍ଧ ବିଭିନ୍ନ ପ୍ରକାର ବଡ ପଶୁ ତାଲିକା ପାଇଁ କୃଷକ ପାଳିଥିବା ପ୍ରତ୍ୟେକ କିସମର ପଶୁସଂଖ୍ୟା ସ୍ଥାନିତ କରିବା ସହ ନିର୍ଦ୍ଦିଷ୍ଟ ପଶୁଙ୍କ ନାମ ସଂଲଗ୍ନ କରନ୍ତୁ ।

- ନିର୍ଦ୍ଦିଷ୍ଟ ବଡ ପଶୁଙ୍କ ପ୍ରକାର ପାଇଁ କୃଷକ ପଶୁ ଟ୍ୟାଗ ସ୍ଥାନିତ କରନ୍ତୁ । ବଡ ପଶୁ ସଂଖ୍ୟା ଅନୁସାରେ ଏହି କ୍ଷେତ୍ରରେ ଅନେକ ତଥ୍ୟ ସ୍ଥାନିତ ହେବା ସମ୍ଭବ ହେବ ।




ଚିତ୍ର ୪-୧୭ ପଶୁପାଳନ ସ୍କ୍ରିନ

- ଡ୍ରପ ଡାଉନ ତାଲିକାରୁ କୃଷକ ଯଦି କ୍ଷୁଦ୍ର ପଶୁ ପାଳିଥାନ୍ତି "ହଁ" କିମ୍ବା "ନା" ଚୟନ କରନ୍ତୁ ।
    - ➢ ଯଦି "ହଁ", ତେବେ ଉପଲବ୍ଧ ବିଭିନ୍ନ ପ୍ରକାର ପଶୁ ତାଲିକା ପାଇଁ କୃଷକ ପାଳିଥିବା ପ୍ରତ୍ୟେକ କିସମର କ୍ଷୁଦ୍ର ପଶୁ ସଂଖ୍ୟା ସ୍ଥାନିତ କରନ୍ତୁ ।
- ଯଦି କୃଷକଙ୍କର କୁକୁଡା ଫାର୍ମ ଅଛି କି ନାହିଁ, ତେବେ "ହଁ" କିମ୍ବା "ନା" ଚୟନ କରନ୍ତୁ ।
    - ➢ ଯଦି "ହଁ", ତେବେ ନିର୍ଦ୍ଦିଷ୍ଟ ଉତ୍ପାଦନ ପ୍ରକାର ସହ ଉତ୍ପାଦକ ୟୁନିଟ କ୍ଷମତା ଚୟନ କରନ୍ତୁ ।
- ପରବର୍ତ୍ତୀ ସ୍କ୍ରିନରେ ଅଧିକ ତଥ୍ୟ ସନ୍ନିବେଶିତ କରିବାପାଇଁ ସେଭ ଆଣ୍ଡ କଣ୍ଟିନିଉ ଚୟନ କରନ୍ତୁ ।




ଚିତ୍ର ୪-୧୮ ଆଲର୍ଟ ମେସେଜ ସ୍କ୍ରିନ

ଏହିପରି ପଶୁପାଳନ ତଥ୍ୟ ସଫଳତାର ସହ ଅନ୍ତର୍ଭୁକ୍ତ ହୋଇପାରିବ ।'ଓକେ' କ୍ଲିକ କରି ପଞ୍ଜିକରଣ ପ୍ରକ୍ରିୟା ସମାପ୍ତ କରିବାକୁ ଆଗାନ୍ତୁ । ଥରେ ସେଭ ହୋଇଗଲେ , ଆପଣ ମାଛଧରା ଏବଂ କୃଷି ସ୍କ୍ରିନକୁ ଯିବେ, ଯେଉଁଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀରୁ ସମସ୍ତ ତଥ୍ୟ ଚୟନ କରିବା ଆବଶ୍ୟକ ।

## ୪.୭ ମତ୍ସ୍ୟଚାଷ ଏବଂ କୃଷି

ମାଛ ଓ କୃଷି ସ୍କ୍ରିନଉପରକୁ ଯାଇ ଚିତ୍ର ୪-୧୯ରେ ଉପଲବ୍ଧ ଅପ୍ସନ କୃଷକକରୁଥିବା ମାଛଚାଷର ପ୍ରକାର ଚୟନ କରନ୍ତୁ ।




ଚିତ୍ର ୪-୧୯ ମତ୍ସ୍ୟ ଓ କୃଷି ସ୍କ୍ରିନ

ପ୍ରଦର୍ଶିତ ବିଭିନ୍ନ ପ୍ରକାର ମତ୍ସ୍ୟଚାଷ ଯଥା - ମଧୁରଜଳ ଚାଷ,ଲୁଣିଜଳ, ମତ୍ସ୍ୟଚାଷ କିମ୍ବା ସାମୁଦ୍ରିକ ମତ୍ସ୍ୟଚାଷ ନିମନ୍ତେ ମେନୁରୁ ନିର୍ଦ୍ଦିଷ୍ଟ ମାଛ ଚାଷ ବିଷୟରେ ଟେକ୍ସଟ ବକ୍ସ ଚୟନ କରନ୍ତୁ, ଯାହାକି କୃଷକମାନଙ୍କ ପାଇଁ ପ୍ରଯୁଜ୍ୟ ।

ଯଦି ମଧୁର ଜଳ ମତ୍ସ୍ୟ ଚାଷର ପ୍ରକାର ଚୟନ କରାଯାଇଥାଏ, ତେବେ -

- ମଧୁର ଜଳ ମତ୍ସ୍ୟ ଚାଷର ପ୍ରକାର ଚୟନ କରନ୍ତୁ - କ୍ୟାପଚର (ମାଛଧରା)
- ମଧୁର ଜଳ ମତ୍ସ୍ୟଚାଷ ପାଇଁ ଜଳାଶୟ ପ୍ରକାର ଅର୍ଥାତ ହ୍ରଦ,ପୋଖରୀ ଇତ୍ୟାଦି । ଏଠାରେ ଆପଣଙ୍କ ଚୟନ ପାଇଁ ଅନେକ ଅପ୍ସନ ରହିଛି।
- ଜଳାଶୟରେ ଚଳପ୍ରଚଳ ହୋଇପାରୁଥିବା ଡଙ୍ଗାର ପ୍ରକାର ଚୟନ କରନ୍ତୁ -
  - ପାରମ୍ପରିକ ମୋଟର ଚାଳିତ ଡଙ୍ଗା
  - ମୋଟର ବିହୀନ ଡଙ୍ଗା
- ଚୟନ କରାଯାଇଥିବା ପ୍ରତ୍ୟେକ ଡଙ୍ଗାର ପ୍ରକାର ବିପକ୍ଷରେ ଡଙ୍ଗା ସଂଖ୍ୟା ସ୍ଥାନିତ କରନ୍ତୁ ।
  - ଡଙ୍ଗା ବିହିନ ମାଛଧରା
- ମଧୁର ଜଳ ମତ୍ସ୍ୟଚାଷ ପ୍ରକାର ଚୟନ କରନ୍ତୁ –ଅର୍ଥାତ କଲଚର (ଚାଷ)
  - ନିର୍ଦ୍ଦିଷ୍ଟ ଜଳାଶୟରେ ପୋଖରୀ ସଂଖ୍ୟା
  - ପୋଖରୀ ଅନ୍ତର୍ଗତ ସମୁଦାୟ ଜମି ପରିମାଣ (ଏକରରେ)

  ସେହିପରି, ଲୁଣିଜଳ ମତ୍ସ୍ୟ ଚାଷ ପ୍ରକାର ଚୟନ କରାଗଲେ -
- ଲୁଣିଜଳ ମତ୍ସ୍ୟଚାଷର ପ୍ରକାର ପ୍ରଦତ୍ତ ବିକଳ୍ପରୁ ଚୟନ କରନ୍ତୁ (କ୍ୟାପ୍ଚର)
- ଚିଲିକା ଲୁଣା ହ୍ରଦର / ମାଛଧରା ସମ୍ଭବ କି ନୁହେଁ ଚୟନ କରନ୍ତୁ ।
- ଜଳାଶୟରେ ଚଳନ ଯୋଗ୍ୟ ଡଙ୍ଗାର ପ୍ରକାର –
  - ପାରମ୍ପରିକ ମୋଟର ଚାଳିତ ଡଙ୍ଗା
  - ମୋଟର ବିହୀନ ଡଙ୍ଗା
- ଚୟନ କରାଯାଇଥିବା ପ୍ରତ୍ୟେକ ପ୍ରକାର ଡଙ୍ଗା ବିପକ୍ଷରେ ଡଙ୍ଗା ସଂଖ୍ୟା ସ୍ଥାନିତ କରନ୍ତୁ ।
- ବିନା ଡଙ୍ଗାରେ ମାଛଧରା
- ନିର୍ଦ୍ଦିଷ୍ଟ ଜଳାଶୟରେ ପୋଖରୀ ସଂଖ୍ୟା –ଅର୍ଥାତ କଲଚର (ଚାଷ) ଏବଂ
- ପୋଖରୀ ଅନ୍ତର୍ଗତ ସମୁଦାୟ ଜମି ପରିମାଣ (ଏକରରେ )

ସାମୁଦ୍ରିକ ମତ୍ସ୍ୟଚାଷ ପ୍ରକାର କ୍ଷେତ୍ରରେ –

- ନିର୍ଦ୍ଦିଷ୍ଟ ମତ୍ସ୍ୟଚାଷ ପ୍ରକାରରେ ସନ୍ନିବେଶିତ ହୋଇପାରୁଥିବା ଡଙ୍ଗାରୁ ପ୍ରକାର ଏବଂ ସଂଖ୍ୟା ଚୟନ କରନ୍ତୁ ।
  - ➢ ପାରମ୍ପରିକ ମୋଟର ଚାଳିତ ଡଙ୍ଗା
  - ➢ ମୋଟର ବିହୀନ ଡଙ୍ଗା
  - ➢ ଟ୍ରଲର
- ନିର୍ଦ୍ଦିଷ୍ଟ ଡଙ୍ଗା ପ୍ରକାର ଅନୁଯାୟୀ ସନ୍ନିବେଶିତ ହୋଇପାରୁଥିବା ଡଙ୍ଗା ସଂଖ୍ୟାକୁ ଚୟନ କରନ୍ତୁ ।
  - ➢ ବିନାଡଙ୍ଗାରେ ମାଛ ଧରା

ଅଧିକ ତଥ୍ୟ ପାଇଁ ପରବର୍ତ୍ତୀ ସ୍କ୍ରିନକୁ ଯିବା ନିମନ୍ତେ ସେଭ ଓ କଣ୍ଟିନିଉ ଚୟନ କରନ୍ତୁ ।




**ଚିତ୍ର ୪-୨୦ ଆଲର୍ଟ ମେସେଜ ସ୍କ୍ରିନ**

ଏହିପରି ମାଛଧରା ଓ କୃଷି ରେକର୍ଡ ସଫଳତାର ସହ ସନ୍ନିବେଶିତ ହେଲା । "ହଁ" କ୍ଲିକକରି ପଞ୍ଜୀକରଣ ପ୍ରକ୍ରିୟା ସମାପ୍ତ କରିବାକୁ ଆଗାନ୍ତୁ । ଥରେ ସେଭ ହୋଇଗଲେ, ଆପଣ ବନୀକରଣ ସ୍କ୍ରିନକୁ ଯିବେ, ଯେଉଁଠାରେ ସମସ୍ତ ତଥ୍ୟ ନିର୍ଦ୍ଦିଷ୍ଟ କ୍ଷେତ୍ରରୁ ଚୟନ କରାଯିବା ଆବଶ୍ୟକ ।

## ୪.୮ ବନୀକରଣ

ବନୀକରଣ ସ୍କ୍ରିନରେ ଯାଆନ୍ତୁ, ଚିତ୍ର ୪-୨୧




ଚିତ୍ର ୪-୨୧ ବନୀକରଣ ସ୍କ୍ରିନ

ନିର୍ଦ୍ଦିଷ୍ଟ କ୍ଷେତ୍ରରୁ କୃଷକର ମାଲିକାନା ଥିବା ବନୀକରଣ କୃଷିର ପ୍ରକାର ବିବରଣୀ ଚୟନ କରନ୍ତୁ ।

- ଡ୍ରପ ଡାଉନ ମେନୁରୁ ବନୀକରଣ ପ୍ରକାର ଉପରେ ନିର୍ଭର ସମ୍ବନ୍ଧୀୟ ବିବରଣୀ ଚୟନ କରନ୍ତୁ ।
- ବନୀକରଣର ଅବସ୍ଥିତି ଚୟନ କରିବାକୁ ହେଲେ , ନିର୍ଦ୍ଦିଷ୍ଟ ମେନୁରୁ ଜିଲ୍ଲା/ ବ୍ଲକ/ ବିଜ୍ଞପିତ ଅଞ୍ଚଳ ପରିଷଦ/ ସହରାଞ୍ଚଳ/ ଗ୍ରାମ ପ୍ରଞ୍ଚାୟତ ଏବଂ ଗ୍ରାମର ନାମ ଚୟନ କରନ୍ତୁ ।

- ଉପଲବ୍ଧ ମେନୁ ତାଲିକାରୁ ସର୍ଭେ କରାଯାଇ ନଥିବା ଜଙ୍ଗଲ ଗ୍ରାମ ଚୟନ କରନ୍ତୁ ।
- ନିର୍ଦ୍ଦିଷ୍ଟ କ୍ଷେତ୍ରରେ କେସ ନମ୍ବର ଏବଂ ଜମି ପରିମାଣ ପ୍ରଦାନ କରନ୍ତୁ ।
- ନିର୍ଦ୍ଦିଷ୍ଟ ମେନୁରୁ ଜଙ୍ଗଲ ଉତ୍ପାଦ ଫସଲ ପ୍ରକାର ଯଥା – ବନ୍ୟଜାତ ଉତ୍ପାଦ, ଖରିଫ ଫସଲ, ରବି ଫସଲ, ଖରାଦିନିଆ ଫସଲ ଇତ୍ୟାଦିକୁ ସିଲେକ୍ଟ କରନ୍ତୁ ।
- ନିର୍ଦ୍ଦିଷ୍ଟ କ୍ଷେତ୍ର ମଲ୍ଟିପୁଲ ଅପ୍ସନକୁ ବାଛି ଚଏସ ରଖନ୍ତୁ ।
- ଜଙ୍ଗଲ ମଧ୍ୟରେ ଜଳସେଚନର ବ୍ୟବସ୍ଥା ଥିଲେ ବା ନଥିଲେ ସିଲେକ୍ଟ କରିବା ପରେ ଜଳସେଚନର ପ୍ରକାର select କରନ୍ତୁ ।
- କୃଷକର ପ୍ରୋଫାଇଲରେ ଜଙ୍ଗଲ ରେକର୍ଡ ସେଭ କରିବାକୁ ଆଡ ଫରେଷ୍ଟ( add forest) ଅପ୍ସନକୁ କ୍ଲିକ କରନ୍ତୁ।
- ଏକ ନୂଆ ଜଙ୍ଗଲ ରେକର୍ଡ ଆଡ କରିବା ପାଇଁ ନିମ୍ନ ସେକ୍ସନରେ ଥିବା ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଡାଟା ଏଣ୍ଟର କରନ୍ତୁ ।
- ସେଭ ଆଣ୍ଡ କଣ୍ଟିନ୍ୟୁ କରନ୍ତୁ ।




**ଚିତ୍ର ୪-୨୨ ସକ୍ସେସ ସ୍କ୍ରୀନ**

ଏହିପରି, ଜଙ୍ଗଲ ତଥ୍ୟାବଳୀ ସଫଳତାର ସହ ଅନ୍ତର୍ଭୁକ୍ତ କରାଯାଇପାରିବ **ଓ.କେ. କ୍ଲିକ** କରନ୍ତୁ ।

## ୪.୯. ଦସ୍ତାବିଜ ଅପଲୋଡ

ଥରେ କୃଷକର ବୃତ୍ତିଗତ ବିବରଣୀ ସେଭ ହୋଇଗଲାପରେ ଆପଣ ଡକ୍ୟୁମେଣ୍ଟ ସ୍କ୍ରିନ ଆଡକୁ ଆଗେଇପାରିବେ, ଯେଉଁଠାରେ ଆପଣଙ୍କୁ କୃଷକର ପଞ୍ଜିକରଣ ସହାୟତା କରିବାର ଡକ୍ୟୁମେଣ୍ଟ୍ସ ଅପଲୋଡ କରିବାର ଆବଶ୍ୟକତା ପଡିବ, ଚିତ୍ର ୪-୨୩ ଅନୁଯାୟୀ :




**ଚିତ୍ର ୪-୨୩ ଡକ୍ୟୁମେଣ୍ଟ ସବମିସନ ସ୍କ୍ରିନ**

ଉପରେ ଦିଆଯାଇଥିବା ଚିତ୍ର ୪-୨୩ ଅନୁଯାୟୀ :

- କୃଷକ ଜମିର ପଞ୍ଜୀକରଣ ସେଲ ଡିଡ, ଯାହା କେବଳ ପି.ଡି.ଏଫ., ଜେପିଜି କିମ୍ବା ଜେପିଇଜିରେ ଥିବା ସହ ୫୦୦କେବି ଆକାରରୁ ଅଧିକ ହୋଇ ନଥିବ, ତାହାରୁ ଏକ କପିକୁ ସ୍କାନ ଏବଂ ଅପଲୋଡ କରନ୍ତୁ ।
  - ସମସ୍ତ ସର୍ତ୍ତାବଳି ପଢିସାରିବା ପରେ ପ୍ରଦତ୍ତ ଘୋଷଣାପତ୍ର ପାଇଁ ଚେକବକ୍ସକୁ ସିଲେକ୍ଟ କରନ୍ତୁ ।
- ଆଗକୁ ଯିବା ପାଇଁ ସେଭ ଏବଂ କଣ୍ଟିନ୍ୟୁ ବଟନ ଉପରେ କ୍ଲିକ କରନ୍ତୁ । ଆଲର୍ଟ ମେସେଜ ଯାଇଥାଏ, ଯାହା ପ୍ରଦତ୍ତ ବିବରଣୀ ସହିତ ଡକ୍ୟୁମେଣ୍ଟ ସବମିସନ ପାଇଁ ଆଗେଇବେ କି ନାହିଁ ପଚାରିଥାଏ । ଚିତ୍ର ୪-୨୪ କୁ ଦେଖନ୍ତୁ ।




ଚିତ୍ର ୪-୨୪ ଆଲର୍ଟ ମେସେଜ

ଆପଣ ଯଦି ସହମତି ତା ପରେ ହଁ ବଟନ କ୍ଲିକ କରନ୍ତୁ । ଏହାଦ୍ୱାରା ପ୍ରାପ୍ତି ସ୍ୱୀକାର ରସିଦ ସୃଷ୍ଟି ହୋଇଥାଏ । ସେ ନିଶ୍ଚିତ ହୁଅନ୍ତି ଯେ ଆବେଦନପତ୍ର, ସଫଳ ଭାବେ ପ୍ରଦାନ କରାଯାଇଛି ।




ଚିତ୍ର ୪-୨୫ ଆକନଲେଜମେଣ୍ଟ ସ୍କ୍ରିନ

ଭବିଷ୍ୟତରେ ବ୍ୟବହାର ପାଇଁ ସୃଷ୍ଟି ହୋଇଥିବା ଆବେଦନ ପତ୍ର ଆଇ.ଡି. ରଖାଯିବା ଆବଶ୍ୟକ ।

ଓ.କେ. କ୍ଲିକ କରନ୍ତୁ ।

ଚିତ୍ର ୪-୨୬ ରେ ପ୍ରଦର୍ଶନ ଭଳି ଆପଣ ସମ୍ପୂର୍ଣ୍ଣ ଆବେଦନ ସ୍କ୍ରିନକୁ ଯିବେ । ଏଠାରେ ନିର୍ଦ୍ଦିଷ୍ଟ ବିଭାଗ ପାଇଁ ଆବେଦନ ପତ୍ର ଏଡିଟ କିମ୍ବା ଅପଡେଟ କରିପାରିବେ ।




ଚିତ୍ର ୪-୨୬ ଆପ୍ଲିକେଶନ ସ୍କ୍ରିନ

# ଚିତ୍ର ସାରଣୀ


| | | |
|---|---|---|
| ଚିତ୍ର ୨.୧ | ସ୍ୱାଗତ ସ୍କ୍ରିନ | ୩ |
| ଚିତ୍ର ୨.୨ | ଆଧାର ଯାଞ୍ଚ ସ୍କ୍ରିନ | ୩ |
| ଚିତ୍ର ୨.୩ | କୃଷକ ଡ୍ୟାସବୋର୍ଡ | ୪ |
| ଚିତ୍ର ୨.୪ | ମୋବାଇଲ ନମ୍ବର ସ୍କ୍ରିନ ଯାଞ୍ଚ କରନ୍ତୁ | ୫ |
| ଚିତ୍ର ୨.୫ | ମୋବାଇଲ ନମ୍ବର ଅପଡେଟ ଆଲର୍ଟ ସ୍କ୍ରିନ | ୬ |
| ଚିତ୍ର ୨.୬ | ଓ.ଟି.ପି. ଭେଲିଡେଶନ ସ୍କ୍ରିନ | ୬ |
| ଚିତ୍ର ୨.୭ | ସଫଳ ମେସେଜ ସ୍କ୍ରିନ | ୭ |
| ଚିତ୍ର ୨.୮ | ପ୍ରାଥମିକ ମୋବାଇଲ ନମ୍ବର ସ୍କ୍ରିନରେ ଓ.ଟି.ପି. ଯାଞ୍ଚ | ୮ |
| ଚିତ୍ର ୩.୧ | ଡ୍ୟାସବୋର୍ଡ | ୯ |
| ଚିତ୍ର ୪.୧ | ଆପ୍ଲିକାଣ୍ଟ ପ୍ରୋଫାଇଲ ସ୍କ୍ରିନ | ୧୦ |
| ଚିତ୍ର ୪.୨ | ପଞ୍ଜୀକୃତ ହୋଇନଥିବା ମୋବାଇଲରେ ଆଲର୍ଟ ମେସେଜ ସ୍କ୍ରିନ | ୧୧ |
| ଚିତ୍ର ୪.୩ | ମୋବାଇଲ ନମ୍ବର ଅପଡେଟ ସ୍କ୍ରିନ | ୧୧ |
| ଚିତ୍ର ୪.୪ | ଓ.ଟି.ପି. ଭେଲିଡ଼େସନ ସ୍କ୍ରିନ | ୧୨ |
| ଚିତ୍ର ୪.୫ | ଡ୍ୟାସବୋର୍ଡ | ୧୩ |
| ଚିତ୍ର ୪.୬ | ଜନସଂଖ୍ୟା ବିବରଣୀ (୧) | ୧୪ |
| ଚିତ୍ର ୪.୭ | ଜନସଂଖ୍ୟା ବିବରଣୀ (୨) | ୧୫ |
| ଚିତ୍ର ୪.୮ | ଆଲର୍ଟ ସ୍କ୍ରିନ | ୧୬ |
| ଚିତ୍ର ୪.୯ | ବ୍ୟାଙ୍କ ଡିଟେଲ ସ୍କ୍ରିନ | ୧୭ |
| ଚିତ୍ର ୪.୧୦ | ଆଲର୍ଟ ସ୍କ୍ରିନ | ୧୮ |
| ଚିତ୍ର ୪.୧୧ | ସକ୍ସେସ ମେସେଜ ସ୍କ୍ରିନ | ୧୮ |
| ଚିତ୍ର ୪.୧୨ | ଅକ୍ୟୁପେସନାଲ ଡିଟେଲ୍ସ ସ୍କ୍ରିନ | ୧୯ |
| ଚିତ୍ର ୪.୧୩ | ଆଲର୍ଟ ସ୍କ୍ରିନ | ୨୦ |
| ଚିତ୍ର ୪.୧୪ | ଚାଷ ଜମି ବିବରଣୀ ସ୍କ୍ରିନ (୧) | ୨୧ |
| ଚିତ୍ର ୪.୧୫ | ଚାଷ ଜମି ବିବରଣୀ ସ୍କ୍ରିନ (୨) | ୨୩ |
| ଚିତ୍ର ୪.୧୬ | ଆଲର୍ଟ ମେସେଜ ସ୍କ୍ରିନ | ୨୪ |

| | | |
|---|---|---|
| ଚିତ୍ର ୪.୧୭ | ପଶୁପାଳନ ସ୍କ୍ରିନ | ୨୫ |
| ଚିତ୍ର ୪.୧୮ | ଆଲର୍ଟ ମେସେଜ ସ୍କ୍ରିନ | ୨୬ |
| ଚିତ୍ର ୪.୧୯ | ମତ୍ସ୍ୟ ଓ କୃଷି ସ୍କ୍ରିନ | ୨୭ |
| ଚିତ୍ର ୪.୨୦ | ଆଲର୍ଟ ମେସେଜ ସ୍କ୍ରିନ | ୨୯ |
| ଚିତ୍ର ୪.୨୧ | ବନୀକରଣ ସ୍କ୍ରିନ | ୩୦ |
| ଚିତ୍ର ୪.୨୨ | ସକ୍ସେସ ସ୍କ୍ରୀନ | ୩୧ |
| ଚିତ୍ର ୪.୨୩ | ଡକ୍ୟୁମେଣ୍ଟ ସବମିସନ ସ୍କ୍ରିନ | ୩୨ |
| ଚିତ୍ର ୪.୨୪ | ଆଲର୍ଟ ମେସେଜ | ୩୩ |
| ଚିତ୍ର ୪.୨୫ | ଆକନଲେଜମେଣ୍ଟ ସ୍କ୍ରିନ | ୩୩ |
| ଚିତ୍ର ୪.୨୬ | ଆପ୍ଲିକେଶନ ସ୍କ୍ରିନ | ୩୪ |